ଭାରତ ସଂଘ ଏବଂ ଅନ୍ୟମାନେ
ବନାମ
ନାରାୟଣ ସିଂହ
9 ମେ 2002
[ସୟଦ ଶାହ ମହମ୍ମଦ କ୍ୱାଦରୀ ଏବଂ ଏସ୍.ଏନ୍. ଭାରିଆଭା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ - ମନ୍ଦ ଆଚରଣ - ସାମରିକ ନ୍ୟାୟାଳୟ - ସ୍ୱୀକୃତ ତଥ୍ୟ ଉପରେ ଚାକିରିରୁ ବରଖାସ୍ତ - ଅପିଲ ପ୍ରାଧିକାରୀ ଏବଂ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତିଙ୍କ ଦ୍ୱାରା ନିଶ୍ଚିତ ହୋଇଥିବା ବରଖାସ୍ତ ଆଦେଶ - ନ୍ୟାୟସଙ୍ଗତ କି - ଅଭିଯୋଗ ଗୁରୁତର ପ୍ରକୃତିର ହୋଇଥିବାରୁ ଦଣ୍ଡ ଅଭିଯୋଗ ସହିତ ଅନୁରୂପ ଥିଲା ବୋଲି ନିର୍ଣ୍ଣୟ କରାଗଲା - ଯେତେବେଳେ ଅଭିଯୋଗ ପ୍ରମାଣିତ ହୋଇଛି ନ୍ୟାୟାଳୟ ଦଣ୍ଡର ପରିମାଣ ସହିତ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ - ଭାରତର ସମ୍ବିଧାନ, 1950, ଅନୁଚ୍ଛେଦ 226 ।*

ଉତ୍ତରଦାତା ତୃତୀୟ ଥର ପାଇଁ ମନ୍ଦ ଆଚରଣ କରିଥିଲେ । ତାଙ୍କ ବିରୋଧରେ ଅଭିଯୋଗ-ପତ୍ର ହୋଇଥିଲା । ସାମରିକ ନ୍ୟାୟାଳୟରେ ବିଚାର କରିବା ସମୟରେ, ଉତ୍ତରଦାତା ଦୋଷ ସ୍ୱୀକାର କରିଥିଲେ ଏବଂ ଏହା ମଧ୍ୟ କହିଥିଲେ ଯେ ସେ ଜଣେ ଗରିବ ବ୍ୟକ୍ତି ଏବଂ ତାଙ୍କୁ କ୍ଷମା କରାଯାଉ । ଶୃଙ୍ଖଳା କର୍ତ୍ତୃପକ୍ଷ ସ୍ୱୀକାର କରାଯାଇଥିବା ତଥ୍ୟ ଉପରେ, ତାଙ୍କୁ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ । ଅସନ୍ତୁଷ୍ଟ ହୋଇ, ଉତ୍ତରଦାତା ଅପିଲ ଦାଖଲ କରିଥିଲେ ଯାହା ଖାରଜ ହୋଇଯାଇଥିଲା । ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ମଧ୍ୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ଏହି ଉପସଂହାରରେ ଉପନୀତ ହୋଇଥିଲେ ଯେ ଉତ୍ତରଦାତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଛି ଏବଂ ଏହା ଗମ୍ଭୀର ପ୍ରକୃତିର ଏବଂ ଏହା ମଧ୍ୟ ଯେ ତାଙ୍କୁ ତୃତୀୟ ଥର ପାଇଁ ଦଣ୍ଡିତ କରାଯାଇଥିଲା । ତେବେ, ଯେତେବେଳେ ଜଣେ ଗରିବ ବ୍ୟକ୍ତି ତାଙ୍କ ଦ୍ୱାରା କରାଯାଇଥିବା ମନ୍ଦ ଆଚରଣ ପାଇଁ ଦୋଷ ସ୍ୱୀକାର କରନ୍ତି, ସେତେବେଳେ ଚାକିରିରୁ ବରଖାସ୍ତ ହେବାର ଚରମ ଦଣ୍ଡ ଅନିବାର୍ଯ୍ୟ ଥିଲା, ଏହା ବରଖାସ୍ତ ଆଦେଶକୁ ବାତିଲ କରିଦେଇଥିଲା । ତେଣୁ ବର୍ତ୍ତମାନର ଅପିଲଟି ।

ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ କଲେ : ଏକ ଉପଯୁକ୍ତ ଭାବରେ ପରିଚାଳିତ ତଦନ୍ତ ପରେ ଦୋଷ ପ୍ରମାଣିତ ହୋଇ ଯେଉଁ ଦଣ୍ଡାଦେଶ ପାରିତ ହୁଏ ସେଥିରେ ନ୍ୟାୟାଳୟ ସହଜରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଦଣ୍ଡାଦେଶ ହ୍ରାସ, ବିଶେଷ କରି ସାମରିକ, ଅର୍ଦ୍ଧସାମରିକ କିମ୍ବା ପୋଲିସ ସେବାରେ ଏକ ନୀତିଭ୍ରଷ୍ଟ ପ୍ରଭାବ ପକାଇପାରେ ଏବଂ ଏହି ସେବାଗୁଡିକର ଶୃଙ୍ଖଳା ଦୃଷ୍ଟିରୁ ଏହା ଏକ ପ୍ରତିଗାମୀ ପଦକ୍ଷେପ ହେବ । ଅଭିଯୋଗ ପ୍ରମାଣିତ ହେବା ପରେ ଦଣ୍ଡର ପରିମାଣ ନିର୍ଦ୍ଧାରଣ କରିବା ନ୍ୟାୟାଳୟଙ୍କ ଦାୟିତ୍ୱ ନୁହେଁ । ସହାନୁଭୂତି ଏବଂ/କିମ୍ବା ଦୟା ଆଧାରରେ ହସ୍ତକ୍ଷେପ କରିବା ମଧ୍ୟ ନ୍ୟାୟାଳୟଙ୍କ କର୍ତ୍ତବ୍ୟ ନୁହେଁ । ବର୍ତ୍ତମାନ ମାମଲାରେ ଏହି ଅଭିଯୋଗ ଏକ ଗମ୍ଭୀର ପ୍ରକୃତିର ହୋଇଥିବାରୁ ସେବାରୁ ବରଖାସ୍ତ ହେବାର ଦଣ୍ଡ ଅଭିଯୋଗ ସହିତ ଅନୁରୂପ ଥିଲା । ତେଣୁ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ବରଖାସ୍ତ ଆଦେଶକୁ ଖାରଜ କରି ଏବଂ ଯେ ଯଦି ଜଣେ ଗରିବ ବ୍ୟକ୍ତି ମନ୍ଦ ଆଚରଣ

**ପାଇଁ ଦୋଷ ସ୍ୱୀକାର କରନ୍ତି, ତେବେ ବରଖାସ୍ତର ଚରମ ଦଣ୍ଡ ଅନାବଶ୍ୟକ ବୋଲି ନିର୍ଣ୍ଣୟ କରିବାରେ ଭୁଲ କରିଥିଲେ ।**

*ଭାରତ ସଂଘ ବନାମ ସର୍ଦ୍ଦାର ବାହାଦୁର,* [1972] 4 SCC 618 ଏବଂ *ପୋଷାକ ରପ୍ତାନୀ ପ୍ରୋତ୍ସାହନ ପରିଷଦ ବନାମ ଏ.କେ. ଚୋପ୍ରା,* **[1999] 1 SCC 759 କୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3414/2002 ।

ଡି.ବି.ସି.ଏସ.ଏ. ସଂଖ୍ୟା 1051/1998 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ତା 26.2.2001 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ରଞ୍ଜିତ କୁମାର, ସୁଶ୍ରୀ ବିନୁ ଟମଟା ଏବଂ ସୁଶ୍ରୀ ସୁଷମା ସୁରୀ ।

ଉତ୍ତରଦାତାମାନଙ୍କ ପାଇଁ କେ.ଏଲ୍. ମେହତା ଆଣ୍ଡ କୋ. ପାଇଁ ଧ୍ରୁବ ମେହତା, ସୁଶ୍ରୀ ଶୋଭା ଏବଂ ଅନୁ ମେହତା ।

**ନ୍ୟାୟମୂର୍ତ୍ତି, ଏସ୍.ଏନ୍. ବାରିଆଭାଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

(1) ଅନୁମତି ପ୍ରଦାନ କରାଗଲା ।

(2) ପକ୍ଷମାନଙ୍କ ବିଷୟରେ ଶୁଣିଲେ ।

(3) ଏହି ଅପିଲଟି 26 ଫେବୃଆରୀ, 2001 ତାରିଖର ଏକ ଆଦେଶ ବିରୁଦ୍ଧରେ ଅଟେ । ସଂକ୍ଷେପରେ ଉଲ୍ଲେଖ କରାଯାଇଥିବା ତଥ୍ୟଗୁଡ଼ିକ ନିମ୍ନରେ ଦିଆଗଲା :

ଉତ୍ତରଦାତା 1990 ମସିହାରେ ସୀମା ସୁରକ୍ଷା ବାହିନୀରେ ଡ୍ରାଇଭର ଭାବେ ନିଯୁକ୍ତ ହୋଇଥିଲେ । 1992 ମସିହାରେ ସେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯାହା ତାଙ୍କ ବେପରୁଆ କାରଣରୁ ଘଟିଥିବା ଜଣାପଡ଼ିଥିଲା । ତାଙ୍କୁ 28 ଦିନର ଗୃହ ରକ୍ଷକ ଦଣ୍ଡରେ ଦଣ୍ଡିତ କରାଯାଇଥିଲା ଏବଂ ତାଙ୍କଠାରୁ 2,405 ଟଙ୍କା ଆଦାୟ କରାଯାଇଥିଲା । ଏହାପରେ ତାଙ୍କୁ ଡ୍ରାଇଭର ପଦବୀରୁ କନଷ୍ଟେବଳ ପଦବୀକୁ ପରିବର୍ତ୍ତନ କରାଯାଇଥିଲା । ଏହା ପରେ ତାଙ୍କୁ ମନ୍ଦ ଆଚରଣ ପାଇଁ ଦ୍ୱିତୀୟ ଥର ଦଣ୍ଡ ଦିଆଯାଇଥିଲା ।

(4) 1997 ମସିହା ଫେବୃଆରୀ 3 ତାରିଖରେ ମୁଖ୍ୟ କନେଷ୍ଟବଳ, ଯିଏ ତାଙ୍କ ଅଧୀନରେ କାର୍ଯ୍ୟରତ କନଷ୍ଟେବଳମାନଙ୍କୁ ଦାୟିତ୍ୱ ପ୍ରଦାନ କରିବା ଦାୟିତ୍ୱରେ ଥିଲେ, ସେ ବି.ଏସଏ.ଫ.ର ସିଲିଗୁଡ଼ି ସ୍ଥିତ ସେକ୍ଟର ମୁଖ୍ୟାଳୟରେ ପ୍ରହରୀ କାର୍ଯ୍ୟ କରିବା ପାଇଁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରଦାତା ପ୍ରହରୀ କାର୍ଯ୍ୟରେ ଯୋଗ ଦେଇନଥିଲେ । ଯେତେବେଳେ ମୁଖ୍ୟ କନେଷ୍ଟବଳ ଏ ବିଷୟରେ ଜାଣିବାକୁ ପାଇଲେ, ସେ ବାରାକକୁ ଗଲେ ଏବଂ ଉତ୍ତରଦାତାଙ୍କୁ ଶୋଇଥିବାର ଦେଖିଲେ । ମୁଖ୍ୟ କନେଷ୍ଟବଳ ଉତ୍ତରଦାତାଙ୍କୁ ଉଠାଇଲେ । କିଛି ଯୁକ୍ତିତର୍କ

ହୋଇଥିଲା ଏବଂ ଉତ୍ତରଦାତା ମୁଖ୍ୟ କନେଷ୍ଟବଳଙ୍କ ମୁହଁରେ ମୁଷ୍ଟି ମାରିଥିଲେ, ଯାହାର ଫଳସ୍ୱରୂପ ମୁଖ୍ୟ କନେଷ୍ଟବଳଙ୍କ ଆଗ ଦାନ୍ତ ଭାଙ୍ଗି ଯାଇଥିଲା ।

(5) 4 ଫେବୃଆରୀ, 1997 ରେ ଉତ୍ତରଦାତାଙ୍କୁ ଦୁଇଟି ଅଭିଯୋଗ ପାଇଁ ଅଭିଯୋଗ-ପତ୍ର ଦାଖଲ କରାଯାଇଥିଲା, ଅର୍ଥାତ୍ (i) ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ବିଧି ସମ୍ମତ ନିର୍ଦ୍ଦେଶକୁ ଅବମାନନା କରିବା ଏବଂ (ii) ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରିବା । 2 ମାର୍ଚ୍ଚ 1997 ରେ, ସାମରିକ ନ୍ୟାୟାଳୟ ବିଚାର କରିବା ସମୟରେ, ଉତ୍ତରଦାତା ସ୍ୱୀକାର କରିଥିଲେ ଯେ ସେ ବିଧି ସମ୍ମତ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି ଏବଂ ସେ ତାଙ୍କ ବରିଷ୍ଠ ଅଧିକାରୀଙ୍କୁ ଆକ୍ରମଣ କରିଛନ୍ତି । ସେ କହିଥିଲେ ଯେ, "ମୁଁ ଜଣେ ଗରିବ ଲୋକ, ମୁଁ ଏକ ଭୁଲ କରିଛି । ମୋତେ କ୍ଷମା କରାଯାଉ ।" ଶୃଙ୍ଖଳା କର୍ତ୍ତୃପକ୍ଷ ସ୍ୱୀକାର କରାଯାଇଥିବା ତଥ୍ୟ ଉପରେ, ଉତ୍ତରଦାତାଙ୍କୁ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ । ଅପିଲ ପ୍ରାଧିକାରୀ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ଅପିଲକୁ ଖାରଜ କରିଦେଇଥିଲେ ।

(6) ଉତ୍ତରଦାତା ଆଜ୍ଞାଦେଶ ଆବେଦନ ସଂଖ୍ୟା 669/1998 ଦାଖଲ କରିଥିଲେ । 1998 ମସିହା ସେପ୍ଟେମ୍ବର 3 ତାରିଖରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଜଣେ ବିଦ୍ୱାନ ଏକକ ବିଚାରପତି ଏହାକୁ ଖାରଜ କରିଦେଇଥିଲେ । ଏହାପରେ ଉତ୍ତରଦାତା ଏକ ଅପିଲ ଦାଖଲ କରିଥିଲେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ଏହି ଆକ୍ଷେପିତ ଆଦେଶରେ ଦୁଇ ଜଣିଆ ବିଚରତିଙ୍କ ବିଚାରପୀଠ ନିମ୍ନମତେ ନିର୍ଣ୍ଣୟ କରିଥିଲେ :

> "ଏହା ସତ୍ୟ ଯେ ଅପିଲକାରୀଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗ ଏବଂ ତାଙ୍କ ଦୋଷ ସ୍ୱୀକାର କରିବା ଉପରେ ପ୍ରମାଣିତ ହୋଇଥିବା ଅଭିଯୋଗ ପ୍ରକୃତରେ ଗମ୍ଭୀର ପ୍ରକୃତିର ଏବଂ ଏପରି ବ୍ୟକ୍ତିଙ୍କୁ ବିନା କୌଣସି ଦଣ୍ଡରେ ମୁକ୍ତ ହେବାକୁ ଅନୁମତି ଦିଆଯାଇପାରିବ ନାହିଁ । ବିଶେଷ କରି, ଯେତେବେଳେ ସେ ପ୍ରାୟ ସାତ ବର୍ଷର ସେବାରେ ତିନିଥର ଦଣ୍ଡିତ ହୋଇଥିଲେ । ତଥାପି, ଆମର ବିଚାରଯୋଗ୍ୟ ମତ ହେଉଛି ଯେ ଚାକିରିରୁ ବରଖାସ୍ତ ହେବାର ଚରମ ଦଣ୍ଡ ପାରିତ କରିବା ସମୟରେ କର୍ତ୍ତୃପକ୍ଷଙ୍କୁ ଅନ୍ୟ କାରଣଗୁଡ଼ିକୁ ମଧ୍ୟ ଧ୍ୟାନରେ ରଖିବା ଆବଶ୍ୟକ ଥିଲା, ଯଥା : (i) ବ୍ୟକ୍ତି କେଉଁ ସ୍ଥାନରୁ ଆସିଛନ୍ତି, (ii) ତାଙ୍କ ପରିବାରର ପୃଷ୍ଠଭୂମି, ଏବଂ (iii) ସାତ ବର୍ଷର ସେବା ରେକର୍ଡ ଇତ୍ୟାଦି ।
>
> XXX XXXX XXX
>
> XXX XXXX XXX
>
> ଯେତେବେଳେ ଜଣେ ଦରିଦ୍ର ବ୍ୟକ୍ତି ତାଙ୍କ ଦ୍ୱାରା କରାଯାଇଥିବା ମନ୍ଦ ଆଚରଣ ପାଇଁ ଦୋଷୀ ସାବ୍ୟସ୍ତ ହୁଅନ୍ତି ସେତେବେଳେ ଆମ ବିଚାରରେ ସେବାରୁ ଚରମ ଦଣ୍ଡର ଆବଶ୍ୟକତା ନ ଥିଲା ।"

ଏହି ଯୁକ୍ତିକୁ ଆଧାର କରି ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ବରଖାସ୍ତ ଆଦେଶକୁ ବାତିଲ କରି ଉତ୍ତରଦାତାଙ୍କର ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ କ୍ରମାଗତ ପ୍ରଭାବ ବିନା ତିନୋଟି ବେତନ ବୃଦ୍ଧି ବନ୍ଦ କରିବାକୁ ଏକ ଆଦେଶ ଜାରି କରିଥିଲା । ଦୁଇ ଜଣିଆ ବିଚାରପତିଙ୍କ

ବିଚାରପୀଠ 1 ମେ, 2001 ସୁଦ୍ଧା ଉତ୍ତରଦାତାଙ୍କୁ ପିଛିଲା ବେତନ ବିନା ପୁନଃସ୍ଥାପିତ କରିବାକୁ ଅପିଲକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

(7) ଏହି ନ୍ୟାୟାଳୟ, *ଭାରତ ସଂଘ ବନାମ ସର୍ଦ୍ଦାର ବାହାଦୁର* [1972] 4 SCC 618 ମାମଲାରେ ନିର୍ଣ୍ଣୟ କରିଛନ୍ତି ଯେ କରାଯାଇଥିବା ଭାରତ ସଂଘ ବନାମ ସର୍ଦ୍ଦାର ବାହାଦୁର ମାମଲାରେ, କହିଛନ୍ତି ଯେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକକ ବିଚାରପତିଙ୍କ ଦ୍ୱାରା ପ୍ରୟୋଗ କରାଯାଉଥିବା କ୍ଷମତାର ସିମୀତତା ରହିଛି ଏବଂ ସେହିପରି, ଏକକ ବିଚାରପତିଙ୍କ ରାୟ ଉପରେ ଅପିଲ କରିବା ସମୟରେ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର କ୍ଷମତାର ସିମୀତତା ରହିଛି । ଏହି ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ ଯେଉଁଠାରେ ପ୍ରାସଙ୍ଗିକ ତଥ୍ୟ ରହିଛି, ଯାହା ଅଧିକାରୀ ଦୋଷୀ ବୋଲି ସିଦ୍ଧାନ୍ତକୁ ସମର୍ଥନ କରେ, ସେଠାରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା ଉଚ୍ଚ ନ୍ୟାୟାଳୟ କାର୍ଯ୍ୟ ନୁହେଁ । ଏହା ନିର୍ଣ୍ଣୟ କରାଯାଇଛି ଯେ ଯଦି ଏକ ତଦନ୍ତ ସଠିକ୍ ଭାବରେ ହୋଇଛି ତେବେ ପ୍ରମାଣର ପର୍ଯ୍ୟାପ୍ତତା କିମ୍ବା ବିଶ୍ୱସନୀୟତାର ପ୍ରଶ୍ନ ଉଚ୍ଚ ନ୍ୟାୟାଳୟରେ ଉପସ୍ଥାପନ କରାଯାଇପାରିବ ନାହିଁ ।

(8) *ଆପାରେଲ୍ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲ୍ ବନାମ ଏ.କେ. ଚୋପ୍ରା* [1999] 1 SCC 759 ମାମଲାରେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ଏହା ନିର୍ଣ୍ଣୟ କରାଯାଇଛି ଯେ କେଉଁ ଦଣ୍ଡ ଲାଗୁ କରାଯିବ ତାହା ସ୍ଥିର କରିବା ସକ୍ଷମ କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାରିତା କ୍ଷେତ୍ର ମଧ୍ୟରେ ଅଛି ଏବଂ ଦଣ୍ଡର ପ୍ରଶ୍ନ ଉଚ୍ଚଙ୍କ ହସ୍ତକ୍ଷେପର ପରିସର ବାହାରେ, ଯେପର୍ଯ୍ୟନ୍ତ ଏହା ପ୍ରମାଣିତ ମନ୍ଦ ଆଚରଣ ସହିତ ଏତେ ଅସଙ୍ଗତ ନ ହୁଏ, ଯାହା ନ୍ୟାୟାଳୟର ଚେତନ ଆଘାତ କରେ । ଏହା ନିର୍ଣ୍ଣୟ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦଣ୍ଡାଦେଶ ହ୍ରାସ କରିବା ଏକ ନୀତିଭ୍ରଷ୍ଟ ପ୍ରଭାବ ପକାଇବ ଏବଂ ଏହା ଏକ ପ୍ରତିଗାମୀ ପଦକ୍ଷେପ ହେବ । ଏହା ନିର୍ଣ୍ଣୟ କରାଯାଇଛି ଯେ ଶେଷ ଅପିଲ ପର୍ଯ୍ୟାୟରେ ଅନୁତାପ/ଅଯୋଗ୍ୟ କ୍ଷମା ପ୍ରାର୍ଥନା କୌଣସି ସହାନୁଭୂତି କିମ୍ବା ଦୟା ଆବଶ୍ୟକ କରେ ନାହିଁ ।

(9) ଉପରେ ଦେଖାଯାଇଥିବା ପରି, ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ଉଲ୍ଲେଖ କରିଛନ୍ତି ଯେ ଉତ୍ତରଦାତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଛି ଏବଂ ଅଭିଯୋଗ ଗମ୍ଭୀର ପ୍ରକୃତିର ଅଟେ । ଥରେ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଲେ ଯେ ଅଭିଯୋଗଗୁଡ଼ିକ ପ୍ରମାଣିତ ହୋଇଛି ଏବଂ ଅଭିଯୋଗଗୁଡ଼ିକ ଗମ୍ଭୀର ପ୍ରକୃତିର, ଦଣ୍ଡର ପରିମାଣରେ ହସ୍ତକ୍ଷେପ କରିବା ନ୍ୟାୟାଳୟର କାର୍ଯ୍ୟ ନୁହେଁ । ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ଏହା ନିର୍ଣ୍ଣୟ କରିବାରେ ଭୁଲ୍ ଥିଲା ଯେ, a) ବ୍ୟକ୍ତି କେଉଁ ସ୍ଥାନରୁ ଆସିଛନ୍ତି, b) ତାଙ୍କ ପାରିବାରିକ ପୃଷ୍ଠଭୂମି ଏବଂ (c) ତାଙ୍କ ସେବା ରେକର୍ଡ ଇତ୍ୟାଦି କାରକକୁ ଧ୍ୟାନରେ ରଖିବାକୁ ହେବ । ଆମ ମତରେ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ମଧ୍ୟ ଏହା ନିର୍ଣ୍ଣୟ କରିବାରେ ଭୁଲ ଥିଲେ ଯେ ଯଦି ଜଣେ ଗରିବ ବ୍ୟକ୍ତି ମନ୍ଦ ଆଚରଣ ପାଇଁ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଚାକିରିରୁ ବହିଷ୍କାର ଭଳି କଠୋର ଦଣ୍ଡର କୌଣସି ଆବଶ୍ୟକତା ନାହିଁ । ଆମ ମତରେ, ଯେଉଁଠାରେ ଏକ ଉପଯୁକ୍ତ ତଦନ୍ତ ପରେ ଦୋଷ ପ୍ରମାଣିତ ହୋଇ ଦଣ୍ଡାଦେଶ ପ୍ରଦାନ କରାଯାଇଛି, ସେଥିରେ ଏକ ନ୍ୟାୟାଳୟ ସହଜରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ବିଶେଷକରି ସାମରିକ, ଅର୍ଦ୍ଧସାମରିକ କିମ୍ବା ପୋଲିସ ସେବାରେ ଦଣ୍ଡ ହ୍ରାସ କରିବା ଦ୍ୱାରା ଏକ ନୀତିଭ୍ରଷ୍ଟ ପ୍ରଭାବ ପକାଇପାରେ ଏବଂ ଏହି ସେବାଗୁଡିକର ଶୃଙ୍ଖଳା ଦୃଷ୍ଟିରୁ ଏହା ଏକ ପ୍ରତିଗାମୀ ପଦକ୍ଷେପ ହେବ । ଏହି ମାମଲାରେ ଅଭିଯୋଗଗୁଡ଼ିକ

ଗମ୍ଭୀର ହୋଇଥିବାରୁ ଦଣ୍ଡ ଅଭିଯୋଗ ସହିତ ଅନୁରୂପ ଥିଲା । ଆହୁରି ମଧ୍ୟ ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ନିଜେ ଉଲ୍ଲେଖ କରିଛନ୍ତି ଯେ ଏହା ତୃତୀୟ ଥର ପାଇଁ ଉତ୍ତରଦାତାଙ୍କୁ ଦଣ୍ଡିତ କରାଯାଇଥିଲା ।

(10) ଶ୍ରୀ ମେହତା ଏହି ଆକ୍ଷେପିତ ଆଦେଶକୁ ଏହି ଆଧାରରେ ସମର୍ଥନ କରିବାକୁ ଚେଷ୍ଟା କରିଥିଲେ ଯେ ଉତ୍ତରଦାତା ଦୀର୍ଘ ସମୟ ଧରି ସେବା କରିଥିଲେ ଏବଂ ଏକ ଗରିବ ପରିବାରରୁ ଆସିଥିଲେ ବୋଲି ବିଚାର କରି ଖଣ୍ଡପୀଠ ଏକ ନ୍ୟାୟସଙ୍ଗତ ଏବଂ ଦୟାଳୁ ଦୃଷ୍ଟିକୋଣକୁ ଆପଣେଇ ଥିଲେ । ସେ ଦର୍ଶାଇଥିଲେ ଯେ ଏହି ଆକ୍ଷେପିତ ଆଦେଶ ଏକ ନ୍ୟାୟସଙ୍ଗତ ଆଦେଶ ଏବଂ ଏଥିରେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ । ଏହି ଉପସ୍ଥାପନକୁ ଆମେ ଗ୍ରହଣ କରିପାରିବୁ ନାହିଁ । ଯେପରି ଉପରେ କୁହାଯାଇଛି, ଆଇନ ସ୍ୱଷ୍ଟ ଅଟେ । ଅଭିଯୋଗ ପ୍ରମାଣିତ ହେବା ପରେ ଦଣ୍ଡର ପରିମାଣ ନିର୍ଦ୍ଧାରଣ କରିବା ନ୍ୟାୟାଳୟଙ୍କ ଦାୟିତ୍ୱ ନୁହେଁ । ଏହି କ୍ଷେତ୍ରରେ ଏହା କୁହାଯାଇପାରିବ ନାହିଁ ଯେ ବରଖାସ୍ତର ଦଣ୍ଡ ଅଭିଯୋଗ ସହିତ ମେଳ ଖାଉନାହିଁ । ସହାନୁଭୂତି ଏବଂ/କିମ୍ବା ଦୟା ଆଧାରରେ ହସ୍ତକ୍ଷେପ କରିବା ନ୍ୟାୟାଳୟଙ୍କ କର୍ତ୍ତବ୍ୟ ନୁହେଁ ।

(11) ଫଳସ୍ୱରୂପ, ଅପିଲକୁ ଅନୁମତି ଦିଆଯାଇଛି । 26 ଫେବୃଆରୀ, 2001ର ଆକ୍ଷେପିତ ଆଦେଶକୁ ବାତିଲ କରିଦିଆଯାଇଛି । ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

ଏନ୍.ଜେ. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।